# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 July – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାର ୪ଟି ପଦ ନିମନ୍ତେ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

— ରାଷ୍ଟ୍ରପତିଙ୍କ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶାଗସ୍ତ

- ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

— ଘଟଣାର ତଦନ୍ତ ଆରମ୍ଭ କଲେ ୩ ଜଣିଆ କମିଟି

- ଅକ୍ସିଅମ୍ ଫୋର୍ ମିଶନର ୪ ଜଣ କ୍ରୁ-ସଦସ୍ୟଙ୍କ ଆସନ୍ତାକାଲିଠାରୁ ମହାକାଶରୁ ପ୍ରତ୍ୟାବର୍ତ୍ତନ

ଏବଂ

- ଉତ୍ତରଓଡ଼ିଶାର ଅଧିକାଂଶ ଅଂଚଳରେ ଆଜି ଏବଂ ଆସନ୍ତାକାଲି ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା

# ରାଷ୍ଟ୍ରପତି-ଏମ୍‌ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଭୁବନେଶ୍ୱର ଏବଂ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଆସନ୍ତାକାଲି ଅପରାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେହିଦିନ ଭୁବନେଶ୍ୱର ଏମ୍‌ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ମଙ୍ଗଳବାର ପୂର୍ବାହ୍ନରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ ଏବଂ କଳିଙ୍ଗ ରତ୍ନ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ଭୁବନେଶ୍ୱର ଓ କଟକରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖାଲି ପଡିଥିବା ସେବା ନିବୃତ ୪ ଜଣ ରାଜ୍ୟସଭା ସଦସ୍ୟଙ୍କ ନାମ ମନୋନୀତ କରିଛନ୍ତି। ସେମାନେ ହେଲେ ଉଜ୍ଜ୍ୱଳ ଦେବରାଓ ନିକମ୍, ସି.ସଦାନନ୍ଦମ୍ ମାଷ୍ଟେ, ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା ଏବଂ ମୀନାକ୍ଷୀ ଜୈନ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦ର ଉପଧାରା ୧ ଅନ୍ତର୍ଗତ ଉପଖଣ୍ଡ-କ ଏବଂ ଅନୁଚ୍ଛେଦ ୮୦ର ଉପଧାରା ୩

ଅନ୍ତର୍ଗତ ନିୟମ ଅନୁଯାୟୀ ଏହି ଅଧିସୂଚନା ଜାରି କରାଯାଇଛି। ମନୋନୀତ ବ୍ୟକ୍ତିବିଶେଷ ସାମାଜର ବିଭିନ୍ନ କ୍ଷେତ୍ରରେ ସ୍ୱନାମଧନ୍ୟ ଓ ପ୍ରତିଷ୍ଠିତ ହୋଇଥିବା ଜଣାଯାଇଛି।

## ଫକୀରମୋହନ ଛାତ୍ରୀ ଆତ୍ମାହୂତି

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଏମ୍ସ୍‌ରେ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀ ପୀଡିତା ଛାତ୍ରୀଙ୍କ ଚିକିତ୍ସା ସମ୍ପର୍କରେ ଏମ୍ସ୍‌ର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରୀଦଳ ସହ ଆଲୋଚନା କରିଛନ୍ତି। ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ଆସିଲା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି....

**- V/O - (ମୁଖ୍ୟମନ୍ତ୍ରୀ)**

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ ଭୁବନେଶ୍ୱର ଏମ୍ସରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ଏମ୍ସର ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯିବା ସହ ପୀଡିତାଙ୍କ ଚିକିତ୍ସା ଜାରି ରହିଛି ବୋଲି  ସ୍ୱାସ୍ଥ୍ୟମନ୍ତ୍ରୀ **ଡକ୍ଟର ମୁକେଶ ମହାଲିଙ୍ଗ** କହିଛନ୍ତି...

**- V/O -** (ଡକ୍ଟର ମୁକେଶ ମହାଲିଙ୍ଗ)

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଭୁବନେଶ୍ୱର ଏମ୍ସରେ ପୀଡିତା ଛାତ୍ରୀ ଜଣଙ୍କର ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା ଜାରି ରହିଥିବା ଏମ୍ସ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣାପଡିଛି। ଘଟଣାକୁ ନେଇ କଲେଜ ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ସରକାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ଘଟଣାକୁ ନେଇ ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ଏବଂ ବିଭାଗୀୟ ମୁଖ୍ୟଙ୍କୁ ତଦନ୍ତକାରୀ ଦଳ ପଚରାଉଚରା ଆରମ୍ଭ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ଜାତୀୟ ମହିଳା କମିଶନ-ଏନ୍‌ସିଡବ୍ଲ୍ୟୁ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟାବର୍ତ୍ତନ

ଦୁଇଦିନିଆ ଦିଲ୍ଲୀ ଗସ୍ତ ଶେଷ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଶ୍ରୀ ମାଝୀ କହିଛନ୍ତି, ଏହି ଗସ୍ତ ଅବସରରେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହିତ ସେ ସାକ୍ଷାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭିଜନ ଡକ୍ୟୁମେଣ୍ଟ-୨୦୩୬ ଓ ୨୦୪୭ ସେମାନଙ୍କୁ ପ୍ରଦାନ କରାଯାଇଥିବାନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କେନ୍ଦ୍ର, ରାଜ୍ୟ ସମନ୍ୱୟ ମାଧ୍ୟମରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ବେଶ୍ ଫଳପ୍ରଦ ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ହାତୀମୃତ୍ୟୁ-ମୁଖ୍ୟମନ୍ତ୍ରୀ

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନାଞ୍ଚଳର ନାକ୍ଟିଦେଉଳ ସରପାଲ୍ଲୀ ଗାଁରେ ଘରୋଇ ବେଆଇନ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ହୋଇଛି। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାତୀମୃତ୍ୟୁ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ତଦନ୍ତ ପାଇଁ ମୁଖ୍ୟ ବନ ସଂରକ୍ଷକ ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଦଳ ଭୁବନେଶ୍ୱରରୁ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ବର୍ତ୍ତମାନ ସମୟରେ ସମ୍ପୃକ୍ତ ଅଂଚଳରେ ଉଚ୍ଚପଦସ୍ଥ ବନ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି।

## ଡାକକାର୍ଯ୍ୟ ବନ୍ଦ

କଟକର ଡାକ ମୁଖ୍ୟାଳୟ ଜି.ପି.ଓ. ଏବଂ ଏହା ଅଧୀନସ୍ଥ ସମସ୍ତ ଉପଡାକଘର ତଥା ଶାଖା ଡାକଘର ଆସନ୍ତାକାଲି ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହିସବୁ ଡାକଘରଗୁଡ଼ିକରେ ଏକ ନୂତନ ସଫ୍ଟୱେୟର ଆଇ.ଟି.-୨.୦ର ଆସନ୍ତା ୧୫ ତାରିଖରେ କାର୍ଯ୍ୟକାରୀ ହେବା ଅବସରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କଟକର ଡାକ ମୁଖ୍ୟାଳୟ ସୂଚନା ଦେଇଛି ।

## ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଏଡ୍-ପ୍ରବେଶିକା ପରୀକ୍ଷା

ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ-ଏନ.ସି.ଇ.ଆର.ଟି ପକ୍ଷରୁ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହେଉଛି। କମ୍ପ୍ୟୁଟର ସିବିଟି ମାଧ୍ୟମରେ ଅନୁଷ୍ଠିତ ହେଉଥିବା ଏହି ପରୀକ୍ଷା ପାଇଁ ସମଗ୍ର ଦେଶରେ ୮୦ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରେ ଓଡିଶାର ୪୪ଟି ପରୀକ୍ଷା କେନ୍ଦ୍ର ରହିଛି।

## ବନ୍ୟା ପରିସ୍ଥିତି

ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରୁ **ଭଦ୍ରକ** ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଚାନ୍ଦବାଲି ବ୍ଲକ୍‌ର ନାନ୍ଦପୁର, ସୁନ୍ଦରପୁର, ଭୂଇଁବୃତ୍ତି ଓ ଓଳଗ ଆଦି ପଂଚାୟତରେ ଏକର-ଏକର ଚାଷଜମି ଜଳମଗ୍ନ ହେବା ସହ ବ୍ୟାପକ ଫସଲ ନଷ୍ଟ ହୋଇଛି । ଜିଲ୍ଲାର ବାସୁଦେବପୁର, ବନ୍ତ, ଭଣ୍ଡାରିପୋଖରୀ, ତିହିଡି ଆଦି ବ୍ଲକ୍‌ର ବିଭିନ୍ନ ପଂଚାୟତ ଜଳବନ୍ଦୀ ରହିଥିବାରୁ ସାଧାରଣ ଜନତା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କ୍ଷୟକ୍ଷତିର ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜଳସମ୍ପଦ ବିଭାଗ ବୈଠକ

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜଳସମ୍ପଦ ବିଭାଗର ଏକ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀମତୀ ଗର୍ଗ ଜଳସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟରେ ନୂଆ ଜଳ ନୀତିରେ ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଆନ୍ତଃରାଜ୍ୟ ଜଳ ସଂଯୋଗୀକରଣ, ବିଭାଗୀୟ ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପର କାର୍ଯ୍ୟକାରିତା ନେଇ କମିଶନର ଆଲୋଚନା କରିଛନ୍ତି ।

## ସମନ୍ୱୟ କାର୍ଯ୍ୟକ୍ରମ

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ପଂଚାୟତସମିତି ସଭାଗୃହରେ ବାଲ୍ୟବିବାହ ନିରୋଧ ବ୍ଲକସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ଯୋଗଦେଇ ବ୍ଲକକୁ ବାଲ୍ୟବିବାହମୁକ୍ତ କରିବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପଂଚାୟତ ସ୍ତରରେ ବିବାହ ପଞ୍ଜୀକରଣ ପରିଚାଳନା କରିବାକୁ ବ୍ଲକ୍ ଉନ୍ନୟନ ଅଧିକାରୀ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ନାରୀ ସଶକ୍ତୀକରଣ, ଶିକ୍ଷକଙ୍କ ବ୍ୟବହାର, ବାଲ୍ୟବିବାହ ନିଷେଧ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଅତିଥିମାନେ ବୈଠକରେ ମତ ବ୍ୟକ୍ତ କରିଥିଲେ।

## ସଚେତନତା ଶିବିର

**ବୌଦ୍ଧ** ଜିଲ୍ଲାର ବଘିଆପଡାଠାରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ପକ୍ଷରୁ ସମ୍ପୂର୍ଣ୍ଣ ଆର୍ଥିକ ଅନ୍ତର୍ଭୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏସ୍‌ବିଆଇର କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି।

## କାଉଡିଆ-ସୁରକ୍ଷା ବ୍ୟବସ୍ଥା

ଶ୍ରାବଣ ମାସର ପ୍ରଥମ ସୋମବାରରେ କାଉଡିଆଙ୍କ ଜଳଲାଗି ପାଇଁ ଭଦ୍ରକ ଜିଲ୍ଲାର ଆରଡୀର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଶ୍ରୀ ଆଖଣ୍ଡଳମଣୀଙ୍କ ପୀଠରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ଓ ଜଳାଭିଷେକ ପାଇଁ

ବୈତରଣୀ ଓ ସାଳନ୍ଦୀ ନଦୀର ୩ଟି ଘାଟରେ ଓଡ୍ରାଫ, ଦମକଳବାହିନୀ ଓ ପୁଲିସ୍ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଅକ୍ସିଓମ ମିଶନ- ଶୁକ୍ଲା

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଓ ଅକ୍ସିଓମ୍-୪ ମିଶନର ଅନ୍ୟ ତିନି କ୍ରୁ ସଦସ୍ୟଙ୍କର ପ୍ରତ୍ୟାବର୍ତ୍ତନ ଆସନ୍ତାକାଲି ଆରମ୍ଭ ହେବ। ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆସନ୍ତାକାଲି ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଅନ୍ ଡକିଂ କାର୍ଯ୍ୟ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସେ କହିଛନ୍ତି, ସଦସ୍ୟମାନେ ମଙ୍ଗଳବାର ଦିନ ଅପରାହ୍ନ ୩ଟାରେ ଭୂପୃଷ୍ଠରେ ପହଁଞ୍ଚିବେ। ଗ୍ରୁପ୍ କ୍ୟାପଟେନ୍ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ୧୪ ଦିନ ମିଶନ ଗସ୍ତରେ ଅଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ଗସ୍ତ କରିଛନ୍ତି ଏବଂ ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଚାରୀଭାବେ ମହାକାଶକୁ ଯାଇଛନ୍ତି। ଗସ୍ତକାଳରେ ଗ୍ରୁପ୍ କ୍ୟାପଟେନ୍ ଶୁକ୍ଲା ଭାରତ ସମ୍ପର୍କିତ ୭ଟି ବିଶେଷ ପରୀକ୍ଷଣ କରିଛନ୍ତି।

## ପାଣିପାଗ

ଉତ୍ତର ଓଡିଶାର ଅଧିକାଂଶ ଅଞ୍ଚଳରେ ଆଜି ଏବଂ ଆସନ୍ତାକାଲି ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୨୪ଟି ଜିଲ୍ଲାକୁ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଓ କେନାଲ୍‌ଗୁଡ଼ିକୁ ନିଷ୍କାସନ ଜାରି ରହିଛି । ମଧ୍ୟାହ୍ନ ୧୨ଟା ସୁଦ୍ଧା ପ୍ରତି ସେକେଣ୍ଡରେ ଭଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୫୪ ହଜାର ୧୨୬ ଘନଫୁଟ ଜଳ ପ୍ରବେଶ କରୁଛି । ଏହାସହ ୧ ଲକ୍ଷ ୫୪ ହଜାର ୧୨୬ ଘନଫୁଟ ଜଳ ସ୍ଲୁଇସ୍ ଗେଟ୍ ଦେଇ ନିଷ୍କାସିତ ହେଉଥିବା ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**********************************